# ଫେରିବା ବେଳେ ତାଣ୍ଡବ ରଚିଲା ଗୁଲାବ


ଗୁଲାବ ବାତ୍ୟାପରେ ମାଲକାନଗିରି ବାଲିମେଳା ରାସ୍ତାରେ ଉପୁଡିପଡିଥିବା ଗଛକୁ ଓଡ୍ରାଫ ଟିମ୍ କାଟି ସଫା କରୁଛନ୍ତି ।


ମାଲକାନଗିରି ସଦର ୧୧୯ କଲୋନୀ ଟେକଗୁଡା ପାର୍ଶ୍ୱରେ ଘର ସମ୍ମୁଖରେ ଉପୁଡି ପଡିଥିବା ଗଛ ।


ଏମ୍‌ଭି -୩ ଆଶ୍ରୟ ସ୍ଥଳୀରେ ପିଲାମାନଙ୍କୁ ଖାଦ୍ୟ ଦିଆଯାଉଛି ।


ଏମ୍‌ଭି -୯୬ ପୋଲ ଉପରେ ପ୍ରବାହିତ ବର୍ଷାଜଳ ।


କୋରାପୁଟ ଜିଲା ପଚାଙ୍ଗୀ ସୁଙ୍କିଘାଟିରୁ ପଥର ଖସିପଡ଼ି ହୋଇଥିବା ରାସ୍ତା ଅବରୋଧ ।


କୋରାପୁଟ ଅଞ୍ଚଳରେ ବର୍ଷାରେ ଏକ ରାସ୍ତା ଧୋଇଯାଇଛି ।


ସୁନାବେଡା ଅଞ୍ଚଳରେ ସୃଷ୍ଟି ହୋଇଥିବା ଜଳାର୍ଣ୍ଣବ ସ୍ଥିତି ।

## ରାୟଗଡ଼ା ଜିଲାରେ ୧୮୭.୭ ମ.ମି. ବର୍ଷା ରେକର୍ଡ

■ ବଂଶଧାରାରେ ଜଳସ୍ତର ୮୧ ମିଟର
■ ବଡ଼ ବିପଦର ଭୟ ନାହିଁ

**ରାୟଗଡ଼ା ଅଫିସ,୨୭।୯**

ରାୟଗଡ଼ା ଜିଲାରେ ବାତ୍ୟା ଗୁଲାବ ସ୍ଥଳଭାଗ ଛୁଇଁବା ସମୟରେ ବିଶେଷ ପ୍ରଭାବ ପଡ଼ିନାହିଁ। ବାତ୍ୟା ଫେରିବା ପରେ ରବିବାର ରାତିରୁ ଝିପିଝିପି ବର୍ଷା ସହ ସାମାନ୍ୟ ପବନ ଲାଗିରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ୧୮୭.୭ ମି.ମି. ବର୍ଷା ରେକର୍ଡ଼ କରାଯାଇଛି। ଜିଲାର ଗୁଣପୁର ଏବଂ ମୁନିଗୁଡ଼ାରେ ସର୍ବାଧିକ ୨୮.୦ ମି.ମି, ବର୍ଷା ହୋଇଥିଲା। ସେହିପରି ରାୟଗଡ଼ାରେ ୧୪.୪ ମି.ମି., କୋଲନରାରେ ୧୭.୭, କଲ୍ୟାଣସିଂହପୁରରେ ୧୫.୮, କାଶୀପୁରରେ ୬.୬, ପଦ୍ମପୁରରେ ୮.୨, ରାମନାଗୁଡ଼ାରେ ୮.୮, ବିଷମକଟକରେ ୨୬.୬ ଏବଂ ଚନ୍ଦ୍ରପୁର ବ୍ଲକରେ ୮.୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ତେବେ ଜିଲାର ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବିଶେଷ ବୃଦ୍ଧି ପାଇନାହିଁ। ବଂଶଧାରା ନଦୀର ବିପଦ ସଙ୍କେତ ୮୪ ମିଟର ଏବଂ ସତର୍କ ସଙ୍କେତ ୮୩ ମିଟର ରହିଥିବାବେଳେ ଏବେ ଜଳସ୍ତର ୮୧ ମିଟର ରହିଛି। ରାୟଗଡ଼ାରେ ନଗାବଳୀରେ ମଧ୍ୟ ଜଳସ୍ତର ବିପଦ ସଙ୍କେତ ଛୁଇଁନାହିଁ। ତେଣୁ ଜିଲା ପ୍ରତି ବଡ଼ ବିପଦ ନ ଥିବା ଜରୁରୀ କାଳୀନ ଅଧିକାରୀ ସୁକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।


କୋରକୋଣ୍ଡାରେ ଗଛପଡି ରାସ୍ତା ଅବରୋଧ ହୋଇଛି ।

## ଗଛ ପଡ଼ି ରାସ୍ତା ଅବରୋଧ

**କୋରୁକୋଣ୍ଡା, ୨୭।୯(ଡି.ଏନ.ଏ.)**

ବାତ୍ୟା ଗୁଲାବ ପ୍ରଭାବରେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦରରେ ରବିବାର ରାତିରୁ ଝିପିଝିପି ବର୍ଷା ସହ ପବନ ଲାଗି ରହିଥିଲା। ହରିଜନସାହିର ବୁଦୁ ଖରାଙ୍କ ପରିବାର ଶୋଇଥିବା ବେଳେ ଭୋର ୫ଟାରେ ଘର ପାଖରେ ଥିବା ଏକ ତେନ୍ତୁଳି ଗଛ ଉପୁଡ଼ି ଏହାର କିଛି ଅଂଶ ତାଙ୍କ ଘର ଉପରେ ପଡ଼ିଥିଲା। ତେବେ ଏଥିରେ କାହାର କିଛି କ୍ଷତି ହୋଇନାହିଁ। ସେହିପରି କୋରୁକୋଣ୍ଡା ପଞ୍ଚାୟତ କୋଇପାରି ସିନ୍ଦିଗୁ ଗ୍ରାମରେ ଗୋଟିଏ ଗଛ ରସ୍ତା ଉପରେ ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ଉକ୍ତ ଗଛ କାଟି ଯାତାୟାତ ସୁବିଧା କରିଥିଲେ। ମାଲକାନଗିରି-ବାଲିମେଳା ମୁଖ୍ୟ ରସ୍ତା ତାର୍ଲାକୋଟା ପଞ୍ଚାୟତର ଦଳପତିଗୁଡା ନିକଟରେ ମଧ୍ୟ ଗୋଟିଏ ଗଛ ମୁଖ୍ୟ ରାସ୍ତା ଉପରେ ଭାଙ୍ଗି ପଡିଥିଲା।

## ଆଶ୍ରୟସ୍ଥଳରୁ ଫେରିଲେ ଲୋକେ


କୋଷାଗୁମୁଡା ବ୍ଲକ ବରଗାଁ ଆଶ୍ରୟ ସ୍ଥଳରୁ ଲୋକେ ଘରକୁ ଫେରୁଛନ୍ତି ।

**ନବରଙ୍ଗପୁର,୨୭।୯(ବି.ପ୍ର.)**

ନବରଙ୍ଗପୁର ଜିଲାରେ ବାତ୍ୟା ପ୍ରଭାବରେ ସାମନ୍ୟ ବର୍ଷା ହୋଇଛି। ଏନେଇ ଜନସାଧାରଣ ଓ ପ୍ରଶାସନକୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିଛି। ଜିଲାରେ ମୋଟ ୯୨.୬ ମି.ମି. ବର୍ଷା ହୋଇଛି। ସେଥିମଧ୍ୟରୁ ପାପଡାହାଣ୍ଡି ବ୍ଲକରେ ସର୍ବାଧିକ ୨୦ ଓ କୋଷାଗୁମୁଡା ବ୍ଲକରେ ସର୍ବନିମ୍ନ ୨.୮ ମି.ମି. ବର୍ଷା ହୋଇଛି। ତେନ୍ତୁଳିଖୁଣ୍ଟିରେ ୧୨.୦, ଚନ୍ଦାହାଣ୍ଡି ୩.୦, ନବରଙ୍ଗପୁରରେ ୧୩.୪, ଡାବୁଗାଁରେ ୨.୮, ଉମରକୋଟରେ ୫.୦,ରାଇଘରରେ ୧୦.୦, ଝରିଗାଁ ୭.୦ ମି.ମି. ବର୍ଷା ହୋଇଛି। ବର୍ଷା କାରଣରୁ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଛି। ୨୫ ତାରିଖରେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ୬୩୮.୨ ମିଟର ଥିବାବେଳେ ଏବେ ତାହା ବୃଦ୍ଧି ପାଇ ୬୩୮.୧୩ ମିଟରରେ ପହଞ୍ଚିଛି। ବାତ୍ୟା ଗୁଲାବର ପୂର୍ବ ପ୍ରସ୍ତୁତି ଅନୁଯାଇ କୋଷାଗୁମୁଡା ବ୍ଲକର ୯୨ ଓ ନବରଙ୍ଗପୁର ବ୍ଲକର ୧୮ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ରବିବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଅଣାଯାଇଥିଲା। ବାତ୍ୟାର ପ୍ରଭାବ ନ ଥିବା ଓ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ସମସ୍ତେ ଘରକୁ ଫେରିଯାଇଛନ୍ତି। ତେବେ ଏହି ବର୍ଷା କୃଷି କାର୍ଯ୍ୟରେ ସହାୟକ ହେବ ବୋଲି ଚାଷୀମାନେ କହିଛନ୍ତି।

## ମକା ଫସଲ ନଷ୍ଟ

**ପାପଡାହାଣ୍ଡି,୨୭।୯(ଡି.ଏନ୍.ଏ.)**

ଗୁଲାବ୍‌ର ପ୍ରଭାବରେ ନବରଙ୍ଗପୁର ଜିଲାରେ ବିଶେଷ ବର୍ଷା ପବନ ହୋଇନାହିଁ। କିନ୍ତୁ ପାପଡାହାଣ୍ଡି ବ୍ଲକ ନୂଆକୋଟ ଓ କଣ୍ଟାମାଳ ପଞ୍ଚାୟତରେ ବ୍ୟାପକ ମକା ଫସଲ ନଷ୍ଟ ହୋଇଛି। ଉଭୟ ପଞ୍ଚାୟତର ପ୍ରାୟ ୩୦୦ ଏକର ଜମିର ମକା ଫସଲ ନଷ୍ଟ ହୋଇଛି। ରବିବାର ସନ୍ଧ୍ୟାରୁ ଏଠାରେ ବର୍ଷା ସାଙ୍ଗକୁ ପବନ ବୋହିଥିଲା। ରାତି ତମାମ ଗୁଲାବ ବାତ୍ୟାର ପ୍ରକୋପ ଜାରି ରହିଥଲା। ଜୋରରେ ପବନ ବୋହିବା ଯୋଗୁ ବହୁ ଅଞ୍ଚଳର ମକା ଗଛ ସବୁ ଭାଙ୍ଗି ଯାଇଥିଲା। ଅମଳ ସମୟରେ ଗଛ ଭାଙ୍ଗି ଯିବା ଯୋଗୁ ଚାଷି ମୁଣ୍ଡରେ ହାତ ଦେଇ ବସିଛି। ଚଳିତ ବର୍ଷ ଭଲ ଫସଲ ହୋଇଥିଲା। କିନ୍ତୁ ଠିକ ସମୟରେ ମକା ଫସଲ ନଷ୍ଟକୁ ନେଇ ଚାଷି ଚିନ୍ତିତ ହୋଇପଡିଛନ୍ତି। ଧାର କରଜ କରି ଫସଲ କରିଥିଲୁ। ଏବେ ଅମଳ ସମୟରେ ତାହା ନଷ୍ଟ ହୋଇଯାଇଛି ବୋଲି ହେମଧର ମାଝି, ଲଛନ ମାଝି, ଚୈତନ୍ୟ ଗୌଡ଼, କୁଶ ଗୌଡ଼, କେଶରୀ ଗୌଡ଼, ନିତ୍ୟାନନ୍ଦ ଜାଲ, ସରଶ ଚନ୍ଦ୍ର ଜାଲ, ଭୁବନେଶ୍ୱର ଜାଲ, କ୍ଷୀରେଦ ମିଗାନ, ଜଳେଶ୍ୱର ମିରଗାନ, ଜୟରାମ ବିନ୍ଧାଣୀ, ସୁଧୀର ସାହୁ, ବଳି ଭତରା ପ୍ରମୁଖ ଚାଷୀ କହିଛନ୍ତି। ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି।


ଚାଷୀମାନେ ନଷ୍ଟ ହୋଇଥିବା ମକା ଗଛ ଦେଖାଉଛନ୍ତି।


ରାୟଗଡ଼ା ବ୍ଲକ କୁମ୍ଭୀକୁଟା ପଞ୍ଚାୟତ ଅଞ୍ଚଳରେ ଭାଙ୍ଗିଯାଇଥିବା ଏକ ଘର ।


ଗୁଣପୁର ବ୍ଲକ ମରମା ପଞ୍ଚାୟତ ମାଙ୍ଗାଲୁଗୁଡ଼ା ଗ୍ରାମରେ କଚ୍ଚାଘର, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି ।

## ଗୁଣପୁରରେ ୧୫ ପରିବାରର ଘର କ୍ଷତିଗ୍ରସ୍ତ

**ଭାଙ୍ଗିଲା କଚ୍ଚାଘର, ଉପୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ ଓ ଗଛ**

**ଗୁଣପୁର,୨୭।୯(ଡି.ଏନ୍.ଏ.)-**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ମରମା ପଞ୍ଚାୟତ ମାଙ୍ଗାଲୁଗୁଡ଼ା ଗ୍ରାମରେ ବାତ୍ୟା ଗୋଲାବ ପ୍ରଭାବରେ ୧୫ ପରିବରର ଘର ଭାଙ୍ଗି କ୍ଷତିଗ୍ରସ୍ତ ହୋଇଛି। କଚ୍ଚାଘରଗୁଡ଼ିକ ନଷ୍ଟ ହେବା ସହ ଅନ୍ୟ କେତୋଟି ଘରର ଟିଣ, ଛପର ଉଡ଼ିଯାଇଛି। ଅଞ୍ଚଳରେ ବଡ଼ ବଡ଼ ବୃକ୍ଷ ଉପୁଡ଼ି ପଡ଼ିଯିବା ସହ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଭାଙ୍ଗିଯାଇଛି। ଫଳରେ ବିଦ୍ୟୁତ୍ ସେବା ବନ୍ଦ ରହିଛି। ଘଟଣା ସ୍ଥଳରେ ରାଜସ୍ୱ ବିଭାଗର କର୍ମଚାରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ ପାତ୍ର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ଷତିଗ୍ରସ୍ତ ୧୫ ପରିବାରକୁ ଗୋମୁ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିବା ଗୁଣପୁର ବିଡିଓ ଶାନ୍ତିପ୍ରଭା ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ଆର୍‌ଆଇ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ପଲିଥିନ ଯୋଗାଇବା ପାଇଁ ତହସିଲଦାର ଶରତ ଚନ୍ଦ୍ର ନାୟକ ନିର୍ଦ୍ଦେଶ ଦେଇଛନ୍ତି। ଗାଁର ବଡିକା ମାଶା, ଏସ୍.ବିଡିକା, ବିଡିକା ଶୁକ୍ରୁ, ଆରିକା ତାଲାୟା, ବିଡିକା ବାସୁ, ବିଡିକା ଦାଲେୟା, ବିଡିକା ଗୋପାଳ, ପାତିକି ତ୍ରିନାଥ, ବିଡିକା ଟିଙ୍କାନା ଏବଂ ନିମାଲା ଗୁରୁସୁଙ୍କ ଘର ଭାଙ୍ଗିଥିବା ଜଣାପଡ଼ିଛି।


ରାୟଗଡ଼ା ଜିଲା ଛାତ୍ର ବିଜେଡି ସଭାପତି ବିଷ୍ଣୁ ପଣ୍ଡା ଏବଂ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ ଗୁଣପୁର ବ୍ଲକ ମାଙ୍ଗାଲୁଗୁଡ଼ା ଗ୍ରାମର କ୍ଷତିଗ୍ରସ୍ତ ପରିବାରକୁ ଶୁଖିଲା ଖାଦ୍ୟ ପ୍ରଦାନ କରୁଛନ୍ତି।

## ମୋବାଇଲ ଦୋକାନରୁ ଚୋରି

ତେନ୍ତୁଲିଖୁଣ୍ଟି, (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଥାନା ଅଧୀନ କୁର୍ମାକୋଟ ଛକ ନିକଟରେ ଥିବା ଏକ ମୋବାଇଲ ଦୋକାନ କାନ୍ଥ ଭାଙ୍ଗି ୧୨ଟି ମୋବାଇଲ ସହ ପ୍ରାୟ ୭୦୦୦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନ ମାଲିକ ପ୍ରବୀଣ ପାତ୍ର ଦୋକାନ ଦାୟିତ୍ୱ ତାଙ୍କ ଭଣଜାଙ୍କୁ ଦେଇଥିଲେ। ୩ ଦିନ ହେବ ଦୋକାନ ବନ୍ଦ ଥିବାବେଳେ ପୋଲିସ ଚେକ ପୋଷ୍ଟ ଛକରୁ ମାତ୍ର ୧୦ମିଟର ଭିତରେ ଅବସ୍ଥିତ ଦୋକାନରୁ ଚୋରି ହୋଇଥିବାରୁ ଅଞ୍ଚଳବାସୀଙ୍କ ମନରେ ଏବେ ଭୟ। ଏନେଇ ତେନ୍ତୁଲିଖୁଣ୍ଟି ଥାନାରେ ଏକ ମାମଲା ରୁଜୁ ହୋଇଛି। ଚେକ ପୋଷ୍ଟ ଛକରେ ଦୁଇଟି ବଡ ହାଇମାସ୍କ ଲାଇଟ ବ୍ୟବସ୍ଥା କରାଯାଇଥିଲା। ରକ୍ଷଣାବେକ୍ଷଣା ଅଭାବରୁ ଉଭୟ ଚେକ ପୋଷ୍ଟ ଛକରେ ଅନ୍ଧାର ରହୁଛି। ଯାହାକି ଚୋରଙ୍କୁ ସୁହାଉଛି। ଚୋରଙ୍କୁ ତୁରନ୍ତ ଗିରଫ କରିବା ସହ ପୋଲିସ ପେଟ୍ରୋଲିଂକୁ ଜୋରଦାର କରିବାକୁ ଦାବି ହେଉଛି।

# ରାସ୍ତା ଅବରୋଧ କଲା କିଷାନ ମୋର୍ଚ୍ଚା



ମାଝିଗୁଡ଼ା ଛକ ନିକଟରେ ଜାତୀୟ ରାଜପଥ ଅବରୋଧ କରାଯାଇଛି।

**ନବରଙ୍ଗପୁର,୨୭।୯(ବି.ପ୍ର.)**

କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧକରି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଡକାଯାଇଥିବା ବନ୍ଦକୁ ବାମପନ୍ଥୀ ଓ କଂଗ୍ରେସ ସମର୍ଥନ କରିଛି। ସକାଳ ୬ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ୧୦ ଘଣ୍ଟିଆ ବନ୍ଦର ସାମାନ୍ୟ ପ୍ରଭାବ ନବରଙ୍ଗପୁର, ରାଇଘର ଓ ଡାବୁଗାଁରେ ପଡ଼ିଛି। ଜିଲାର ଅନ୍ୟ ୭ଟି ବ୍ଲକରେ ଦୋକାନ ବଜାର ଓ ଗାଡ଼ି ଚଳାଚଳ ସ୍ୱାଭାବିକ ଥିଲା। ଯାତ୍ରୀବାହୀ ବସ୍ ଓ ମାଲବାହୀ ଟ୍ରକ୍ ଚଳାଚଳ କରୁ ନ ଥିଲା। ନବରଙ୍ଗପୁରର ମାଝିଗୁଡ଼ା ଛକ ନିକଟରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଜିଲା ଆବାହକ ରାଜେଶ ଜାନି, ରାମ ସାନ୍ତା, ଗୁରୁବାରୁ ସାନ୍ତା, ସୁବାସ ସାନ୍ତା, ମଧୁ ସାନ୍ତା, ବିକ୍ରମ ନାଗ, ରବି ସାନ୍ତା ଓ ନୂଆଖାଉ ଭତରାଙ୍କ ସମେତ ସଦସ୍ୟମାନେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହାକୁ ଜିଲା କଂଗ୍ରେସ ସମର୍ଥନ ଜଣାଇ ସଭାପତି ମୁନା ତ୍ରିପାଠୀ, ନଗର ସଭାପତି ଉତ୍ତମ ତ୍ରିପାଠୀ, କାଳୀ ପାତ୍ର, ପରି ସାହୁ, ତାଜ ଇମ୍ରାନ ସରିଫ, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦାବନ ସାହୁ ଉକ୍ତ ରାସ୍ତାରୋକୋରେ ସାମିଲ ହୋଇଥିଲେ। ସେହିଭଳି ରାଇଘର ବ୍ଲକରେ ଜିଲା କୃଷକ ସଂଘ ସଭାପତି ସନରାଜ ଗଣ୍ଡ, ଟପିରାମ ନାୟକ, ସୁନା ରୂପଚାନ୍ଦଙ୍କ ସମେତ ୫୦ ଜଣରୁ ଊର୍ଦ୍ଧ୍ୱ ସଭ୍ୟ ଓ କର୍ମକର୍ତ୍ତା ସାମିଲ ଥିଲେ।

## ବନ୍ଦକୁ ଡାବୁଗାଁ କୃଷକ ମହାସଂଘର ସମର୍ଥନ

**ଡାବୁଗାଁ, (ଡି.ଏନ୍.ଏ.)**

ଭାରତ ବନ୍ଦକୁ ନବରଙ୍ଗପୁର ଜିଲା ଡାବୁଗାଁ କୃଷକ ମହାସଂଘ ପୂର୍ଣ୍ଣମାତ୍ରାରେ ସମର୍ଥନ କରିଛି। ଡାବୁଗାଁ ଚାରି ଛକରେ ଚାଷୀମାନେ ଏକତ୍ରିତ ହୋଇ କୃଷକ ମହାସଂଘ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡାବୁଗାଁ କୃଷକ ମହାସଂଘ ସଭାପତି ସତ୍ୟରଞ୍ଜନ ପାତ୍ର, ଉପସଭାପତି ରାଜେନ୍ଦ୍ର କୁମାର ମିଶ୍ର, ପପୁ ପାତ୍ର, ଟି. ପେଣ୍ଡ୍ରା, ପାପନା ରେଲି, ତାରେଣୀ ରେଲି, ଜିତୁ ରେଲି, ଶ୍ରମିକ ନେତା ଡୁମର ଜାନି, ଗୋବିନ୍ଦ ରେଲି, ମୁନା ରେଲି ପ୍ରମୁଖ ସହଯୋଗ କରିଥିଲେ। ଏହି ସମୟରେ ଯାନବାହନ ଚଳାଚଳ, ଦୋକାନ ବଜାର ବନ୍ଦ ଥିଲା।




## ଉମରକୋଟରେ ପ୍ରଭାବ ଶୂନ୍ୟ

**ଉମରକୋଟ (ସ୍ୱ.ପ୍ର.)**

ରାଷ୍ଟ୍ରୀୟ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନକ୍ରମେ ଭାରତ ବନ୍ଦର ପ୍ରଭାବ ଉମରକୋଟରେ ଦେଖାଯାଇ ନାହିଁ। ଏଠାରେ ଦୋକାନ ବଜାର ଖୋଲା ଥିବାବେଳେ ଯାନବାହନ ଚଳାଚଳ ମଧ୍ୟ ସ୍ୱାଭାବିକ ଥିଲା। ଉମରକୋଟର କୌଣସି ସ୍ଥାନରେ କୃଷକ ସଙ୍ଗଠନ ବା ସମର୍ଥିତ ଦଳ ଜନସାଧାରଣଙ୍କୁ ବନ୍ଦ କରିବାକୁ ପୂର୍ବ ସୂଚନା ଦେଇ ନ ଥିଲେ। ଫଳରେ ବଜାର ସ୍ୱାଭାବିକ ଥିବା ଦେଖିବାକୁ ମିଳିଥିଲା।

## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଗ୍ରାମାଲୋକ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ପଦ୍ମପୁର,୨୭।୯(ଡି.ଏନ୍.ଏ.)**

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅନ୍ତର୍ଗତ କେନ୍ଦ୍ର ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଗ୍ରାମାଲୋକ କାର୍ଯ୍ୟକ୍ରମ ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ସଦସ୍ୟ ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ସାହିତ୍ୟିକ ତଥା ପ୍ରଫେସର ଦୁଷ୍ମନ୍ତ ମହାନ୍ତି, ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ସୁବାସ ସାହୁ ଓ ସୁନିତା ପଣ୍ଡା ଯୋଗଦେଇଥିଲେ। ପ୍ରଥମେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ଯୋଗ୍ୟ ବିବେଚିତ ହୋଇଥିବା ପ୍ରିୟବ୍ରତ ଦାଶ, ସୁନିତା ସାହୁ, ନୀଳମାଧବ ପାଣିଗ୍ରାହୀ, ରାଧାମୋହନ ପାଣିଗ୍ରାହୀ, ରୂପେଶ ସାହୁ ଓ ଅକ୍ଷୟ କୁମାର ପଣ୍ଡା କବିତା ଓ ଗଳ୍ପ ପଠନ କରିଥିଲେ। ପରେ କବି ଦାମୋଦର ମହାପାତ୍ର ସ୍ମୃତି ସଂସଦ ଆନୁକୂଲ୍ୟରେ 'ପଦ୍ମଜା' ପତ୍ରିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିସହ କବି ଦାମୋଦର ମହାପାତ୍ର ସ୍ମୃତି ସମ୍ମାନରେ ପ୍ରଫେସର ଦୁଷ୍ମନ୍ତ ମହାନ୍ତି, ସୁଶାନ୍ତ କୁମାର ନାୟକ ଓ ସୁବାସ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଆୟୋଜିତ କବିତା ଆସରରେ ପଦ୍ମପୁର ଅଞ୍ଚଳରୁ ଯୋଗଦେଇଥିବା ଗାୟତ୍ରୀ ପଣ୍ଡା, ଗଜପତି ଶବର, ଶର୍ମିଷ୍ଠା ପାଢ଼ୀ, ସ୍ମୃତିସ୍ମିତା ପଟ୍ଟନାୟକ, ଜ୍ୟୋତିଶ୍ରୀ ପଣ୍ଡା, ଭବାନୀ ରାଜୁ, ଗାୟତ୍ରୀ ପାଣିଗ୍ରାହୀ ପ୍ରମୁଖ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁରେଶ ମହାପାତ୍ର, ଦେବାଶିଷ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସମାଜକୁ ଶିକ୍ଷିତ କରିବାକୁ ତୃଣମୂଳସ୍ତରରୁ କାମ କରିବାକୁ ହେବ

ଚନ୍ଦାହାଣ୍ଡି, ୨୭।୯(ଡି.ଏନ୍.ଏ.)- ଝରିଆ ସାହୁ ସମାଜର ଯୁବଗୋଷ୍ଠୀଙ୍କୁ ନେଇ ପ୍ରଥମ ଯୁବ ସମ୍ମିଳନୀ ପୂଜାରୀଗୁଡ଼ାରେ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମଣ ସାହୁ, କିଶନ ସାହୁ, ସୁବାସ ସାହୁ, ଦିବାଚନ ସାହୁଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ପଡ଼ୋଶୀ ଛତିଶଗଡ଼, ନୂଆପଡ଼ା ଓ ପାନାବେଡ଼ା ଅଞ୍ଚଳର ଅନେକ ଯୁବକ ଯୋଗଦେଇଥିଲେ। ଯୁଧିଷ୍ଠିର ସାହୁ ପ୍ରଥମେ ଯୁବସେନାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସମସ୍ତ ଯୁବକ ସଙ୍ଗଠିତ ହୋଇ ରହିବାକୁ ମେଶ କୁମାର ସାହୁ ପରାମର୍ଶ ଦେଇଥିଲେ। ସମାଜକୁ ଶିକ୍ଷିତ କରିବାକୁ ଯୁବକମାନେ ତୃଣମୂଳସ୍ତରରେ କାମ କରିବାକୁ ପଡ଼ିବ ବୋଲି ସୌରୀ ରଞ୍ଜନ ସାହୁ ମତ ଦେଇଥିଲେ। ଅନିଲ କୁମାର ସା ଟେକ୍ନୋଲୋଜିର ବ୍ୟବହାରକରି ସାହୁ ସମାଜକୁ ଉପରକୁ ଉଠାଇବାକୁ ହେବ ବୋଲି ମତ ରଖିଥିଲେ। ୟୁଟ୍ୟୁବର ସ୍ମିଥ୍ କୁମାରଙ୍କୁ ସମ୍ମାନିତ କରାଯାଇଛି। ସମାଜର ମଙ୍ଗଳ ଓ ଗୌରବ ପାଇଁ ସମସ୍ତେ ମିଶି କାମ କରିବେ ବୋଲି ଯୁବଗୋଷ୍ଠୀ ଶପଥ ନେଇଥିଲେ। ଗିରୀଶ କୁମାର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଟ୍ରାକ୍ଟର ସହ ୧୭ ଶାଗୁଆନ କାଠ ଗୋଲା ଜବତ



ରାଇଘର, ୨୭।୯(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ବନ ବିଭାଗ ଟ୍ରାକ୍ଟର ସହ ୧୭ଟି ଶାଗୁଆନ୍ କାଠ ଗୋଲା ଜବତ କରିଛି। ରାଇଘର ବନାଧିକାରୀ ସୁକୁମାର ଦୁଖୁଙ୍କ ନିର୍ଦ୍ଦେଶକ୍ରମେ କୁନ୍ଦେଇ ବନପାଳ ପ୍ରଫୁଲ୍ଲ ମାଝି, ନାକଟିସିମଡା ବିଟ୍ ଗାର୍ଡ ଭବାନି ବିଷୋୟୀ, ପାରାଗାର୍ଡ କାଠ ଚୋରା ଚାଲାଣ ଖବରପାଇ ପାଟ୍ରୋଲିଂ କରୁଥିଲେ। ସମ୍ବଲପୁର ଗ୍ରାମ ନିକଟରେ ସୋମବାର ସକାଳ ୫ ଟାରେ ଏକ ନଂ ବିହିନ ଟ୍ରାକ୍ଟର ଜଙ୍ଗଲ ନିକଟରେ ଯାଉଥିଲା। ବନ କର୍ମଚାରୀଙ୍କ ସନ୍ଦେହ ହେବାରୁ ସେମାନେ ତାହାର ପିଛା କରିଥିଲେ। ଏକ ମକା ବିଲ ନିକଟରେ ଟ୍ରାକ୍ଟରରେ କାଦୁଅରେ ଲାଗିଯିବାରୁ ଡ୍ରାଇଭର ବନ ବିଭାଗ କର୍ମଚାରୀଙ୍କୁ ଦେଖି ସେଠାରୁ ଦୌଡି ଫେରାର ହୋଇଯାଇଥିଲେ। ବନବିଭାଗ କର୍ମଚାରୀ ଗାଡି ଯାଞ୍ଚ କରିବାବେଳେ ସେଥିରୁ ୧୭ଟି ଶାଗୁଆନ କାଠ ଗୋଲା ଜବତ କରି ରାଇଘର କାର୍ଯ୍ୟାଳୟକୁ ଆଣିଛନ୍ତି। ଏ ନେଇ ବନାଧିକାରୀଙ୍କୁ ପଚାରିବାରୁ ୧୭ କାଠ ଗୋଲା ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ସେ କହିଛନ୍ତି। ଏହା ସହ ଟ୍ରାକଟର ନଂ ନ ଥିବାରୁ ଆମେ ଗାଡିର ମାଲିକଙ୍କ ସମ୍ପର୍କରେ ଜାଣିବା ପାଇଁ ସଡକ ପରିବହନ ବିଭାଗକୁ ଜଣାଇଛୁ ବୋଲି ସେ କହିଛନ୍ତି।

### ଡିଏଭି ସ୍କୁଲର ନୂତନ କମିଟି ଗଠିତ

ବୋରିଗୁମ୍ମା,୨୭।୯(ଡି.ଏନ.ଏ.)- କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ସଦରସ୍ଥିତ ଡିଏଭି ଇଂଲିଶ ମିଡିୟମ ସ୍କୁଲ ପରିସରରେ ଏକ ବୈଠକ ବସି ନୂତନ କମିଟି ଗଠିତ ହୋଇଛି। ପୂର୍ବତନ ସଭାପତି ବିବେକାନନ୍ଦ ପଟ୍ଟନାୟକ ଅଧକ୍ଷତା କରିଥିଲେ। ନୂତନ କମିଟିରେ ସଭାପତି ଭାବେ ଏନ୍.ରାଜେଶ କୁମାର, ଉପସଭାପତି ପବିତ୍ର ମୋହନ ଦାସ, ସମ୍ପାଦକ ପି.ଜଗଦିଶ୍ୱର ରାଓ,ସଙ୍ଗଠନ ସମ୍ପାଦକ ପ୍ରସନ୍ନ ସାହୁ ଓ କୋଷାଧକ୍ଷ ରୂପେ ପି.ଶ୍ରୀନିବାସ ରାଓ ମନୋନୀତ ହୋଇଛନ୍ତି। ଏଥିସହ କାର୍ଯ୍ୟକାରିଣୀ କମିଟିକୁ ୧୧ ଜଣ ସଦସ୍ୟ ମନୋନୀତ ହୋଇଛନ୍ତି। ବୃନ୍ଦାବନ ପ୍ରଧାନ , ପି.ନାଗେଶ୍ୱର ରାଓ ଏବଂ ବିବେକାନନ୍ଦ ପଟ୍ଟନାୟକ ଉପଦେଷ୍ଟା ରହିଛନ୍ତି।

# କ୍ୟାନ୍ସର ସହ ଲଢୁଛନ୍ତି ଅଭି

**ଟିକିରି,୨୭।୯(ଡି.ଏନ୍.ଏ.)-**


ଶଯ୍ୟାଶାୟୀ ଅଭି।

- ଚିକିତ୍ସାରେ ଅର୍ଥ ବାଧକ
- ଯୁବାବସ୍ଥାରେ ଶଯ୍ୟାଶାୟୀ
- ସ୍ତ୍ରୀ କାନ୍ଧରେ ୬ ପ୍ରାଣୀଙ୍କ ଦାୟିତ୍ୱ

ରୋଗ ବୟସ ଚିହ୍ନେନି। ଏହି ଉକ୍ତିଟି ରାୟଗଡ଼ା ଜିଲା କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ସଦର ଗ୍ରାମର ଅଭି ମାଝି(୨୩)ଙ୍କ କ୍ଷେତ୍ରରେ ଏହା ସତ ପ୍ରମାଣିତ ହୋଇଛି। ଯୁବାବସ୍ଥାରେ ପରିଶ୍ରମ କରି ପରିବାର ସହ ଖୁସିରେ ରହିବାର ସ୍ୱପ୍ନ ଦେଖୁଥିଲେ। ହେଲେ ରୋଗ ସବୁକିଛି ଓଲଟପାଲଟ କରିଦେଲା। ୬ ମାସ ଧରି ବାରମ୍ବାର ଅସୁସ୍ଥ ହେବାରୁ ଟିକିରି ଓଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ସିଟି ସ୍କାନ୍‌ରୁ କ୍ୟାନ୍ସର ହୋଇଥିବା ଜଣାପଡ଼ିଥିଲା। କଟକ ଯିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ ମଧ୍ୟ ପରିବାରର ଆର୍ଥିକ ସ୍ଥିତି ଖରାପ ଯୋଗୁ କଟକ ନ ଯାଇ ଘରକୁ ଫେରିଥିଲେ। ଏବେ ଶଯ୍ୟାଶାୟୀ ଅବସ୍ଥାରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ପରିବାରର ମେରୁଦଣ୍ଡ ସାଜିଥିବା ଅଭି ଏବେ ସ୍ତ୍ରୀ ଓ ମା' ବାପାଙ୍କ ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି।

ଅଭି ମଜୁରି ଲାଗି ଘର ଚଳାଉଥିଲେ। ଏବେ ସେ ଅସୁସ୍ଥ ହେବାପରେ ସ୍ତ୍ରୀ ଚିନ୍ଧୁଲି ମଜୁରି ଲାଗି ଘର ଚଳାଉଛନ୍ତି। ଅଭିଙ୍କ ୬ ବର୍ଷର ପୁଅ ଏବଂ ୫ ବର୍ଷର ଝିଅ ମଧ୍ୟ ଅଛନ୍ତି। ଏବେ ଅଭିଙ୍କ ଚିକିତ୍ସା କିପରି ହେବ ଏବଂ ପରିବାର କିପରି ଚଳିବ ସେ ନେଇ ସ୍ତ୍ରୀ ଏବଂ ମା', ବାପାଙ୍କ ଚିନ୍ତା। ଗରିବ ଓ ଅସହାୟ ଲୋକଙ୍କ ପାଇଁ ସରକାରଙ୍କ ଅନେକ ଯୋଜନା ରହିଥିବାବେଳେ ଅଭି ଏହାର ସୁଫଳ ପାଇପାରି ନ ଥିବା ପରିବାର ଲୋକେ କହିଛନ୍ତି। ଚିକିତ୍ସା ନିମନ୍ତେ ସରକାରୀ ସାହାଯ୍ୟ ଯୋଗାଇଲେ ରୋଗମୁକ୍ତ ହେବା ସହ ପରିବାର ଚଳାଇପାରିବେ ବୋଲି ଅଭି ନିବେଦନ କରିଛନ୍ତି।

## ବୀରଖମ୍ବ ଠାକୁରାଣୀଙ୍କ ଲାଠିଯାତ୍ରା

**ବୈପାରୀଗୁଡା, ୨୭।୯(ଡି.ଏନ୍.ଏ.)**

ବୈପାରୀଗୁଡ଼ା ଅଧିଷ୍ଠାତ୍ରୀ ଦେବୀ ବିରଖମ୍ବ ଠାକୁରାଣୀଙ୍କ ଲାଠିଯାତ୍ରା ବା ବାଲିଯାତ୍ରା ପାଳନ କରାଯାଇଛି। ଅପରାହ୍ଣରେ ଠାକୁରାଣୀଙ୍କ ଆରାଧନାସ୍ଥଳି ଗୁମ୍ମାରୁ ତାଙ୍କ ପ୍ରତିକ ସ୍ୱରୂପ ଲାଠି ବାହାରି ବୈପାରୀଗୁଡା ଗାଁ ପରିକ୍ରମା କରିଥିଲା। ସମସ୍ତଙ୍କ ଘର ଆଗରେ ପୂଜାର୍ଚ୍ଚନା କରାଯାଇଥିଲା। ଶେଷରେ ବାଲିଘର ନିକଟରେ ଲାଠି ପହଞ୍ଚିବା ପରେ ବାଲିଘର ଉଜୁଡା ଯାଇଥିଲା। ଗଣେଶ ପୂଜା ପରେ ନବମୀ ତିଥିରେ ବାଲିଯାତ୍ରା ପ୍ରସ୍ତୁତି ଆରମ୍ଭ ହୁଏ। ନିକଟସ୍ଥ କୁକୁଡା ନାଳରୁ ବାଲି ସଂଗ୍ରହ କରିବା ପରେ ଶୋଭାଯାତ୍ରାରେ ନିଆଯାଇ ଏକ ଅସ୍ଥାୟୀ କୁଡିଆ ଘରେ ତାହା ସ୍ଥାପନ କରାଯାଏ। ବାଲିରେ ବିହନ ବୁଣାଯାଇ ୯ଦିନ ପର୍ଯ୍ୟନ୍ତ ହଳଦିପାଣି ଛିଞ୍ଚି ପୂଜା କରାଯାଏ। ଯାତ୍ରାଦିନ ବାଲିଘର ଭଙ୍ଗାଯାଇ ସେଥିରେ ଅଙ୍କୁରିତ ଗଜାର ସବଳତାକୁ ନିରିଖି ଚଳିତ ବର୍ଷ ଫସଲକୁ ନେଇ ଆକଳନ କରାଯାଏ। ଅଙ୍କୁରିତ ବିହନକୁ ସ୍ଥାନୀୟ ଭାଷାରେ ବାଲିଫୁଲ କୁହାଯାଏ। ଏହି ବାଲିଫୁଲକୁ ଚାଷ ଜମିରେ ପକାଇଲେ ଜମି ଉର୍ବର ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହାକୁ ଶୁଭ ବୋଲି ବିଶ୍ୱାସ କରି ଅନେକ ଘରେ ରଖିଥାନ୍ତି। ପ୍ରେମୀଯୁଗଳ ବାଲି ଫୁଲ ଦେଇ ଜୀବନସାଥୀ ବାଛିଥାନ୍ତି। କୃଷି ଓ ପ୍ରେମର ପର୍ବ ବାଲିଯାତ୍ରା ମହାସମାରୋହରେ ପାଳିତ ହୋଇଆସୁଥିଲା। କରୋନା କଟକଣା ଯୋଗୁ ଚଳିତ ବର୍ଷ ଏହା କେବଳ ଔପଚାରିକ ଭାବେ ପାଳିତ ହୋଇଛି।

## ଡାକ୍ତରଖାନା ଉନ୍ନତି ଦିଗରେ ସମସ୍ତ ସହଯୋଗ ଦିଆଯିବ


ଅତିଥି ଡାକ୍ତରଖାନା କର୍ମଚାରୀଙ୍କୁ ପୁରସ୍କାର ଦେଉଛନ୍ତି ।

**ଚନ୍ଦାହାଣ୍ଡି,୨୭।୯(ଡି.ଏନ୍.ଏ.)**

### ଚନ୍ଦାହାଣ୍ଡିରେ କାୟାକଳ୍ପ ପୁରସ୍କାର ଉତ୍ସବ ପାଳିତ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚଳିତ ବର୍ଷ କାୟାକଳ୍ପ ପୁରସ୍କାର ପାଇଥିବା ହେତୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରତିବର୍ଷ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତମ ସ୍ୱାସ୍ଥ୍ୟସେବା ସାଙ୍ଗକୁ ଭୌଗୋଳିକ ଦୃଶ୍ୟପଟ, ଔଷଧୀୟ ଚାରା ରୋପଣ ଆଦି ବିଭିନ୍ନ ଦିଗକୁ ବିଚାର କରି କାୟାକଳ୍ପ ପୁରସ୍କାର ଦିଆଯାଏ। ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ସୋମବାର ଡାକ୍ତରଖାନାର ସଭାଗୃହରେ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଉତ୍ସବ ପାଳନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ସଂଗ୍ରାମ କେଶରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝି ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସାମୂହିକ ଉନ୍ନତି ପାଇଁ ସମସ୍ତ ସହଯୋଗ କରାଯାଉଛି। ଆଗାମୀ ଦିନରେ ଆବଶ୍ୟକତା ପୂରଣ ଦିଗରେ କାର୍ଯ୍ୟ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋରେଖନାଥ ପୂଜାରୀ, ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀ, ବିଡିଓ ଧର୍ମରାଜ ମାଝି, ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ, ଚନ୍ଦାହାଣ୍ଡି ସରପଞ୍ଚ ଲଛମନ ମାଝି ଉପସ୍ଥିତ ଥିଲେ। ପଞ୍ଚାୟତ ପାଣ୍ଠିରୁ ସୋଲାରଚାଳିତ ପାନୀୟ ଜଳ ବ୍ୟବସ୍ଥା ସହ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ କରାଯାଇଥିବା ସରପଞ୍ଚ ସୂଚନା ଦେଇଛନ୍ତି। କର୍ମଚାରୀଙ୍କୁ କାୟାକଳ୍ପ ପୁରସ୍କାର ପ୍ରମାଣପତ୍ର ଦେଇ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ମନୀଷ ପୁରୋହିତ, ଡା. ସୌମ୍ୟରଞ୍ଜନ ସାହୁ, ଡା. ପିରା ଶତପଥୀ, ଡା. ପଙ୍କଜ ରଣା, ଡା.ରାଜେନ୍ଦ୍ର ମେହେର, ସ୍ୱାସ୍ଥ୍ୟ ସାମ୍ପ୍ରସାରଣ ଅଧିକାରୀ ବାହାମଣି ହେମ୍ବ୍ରମ, ସ୍ୱାସ୍ଥ୍ୟ ପରିଦର୍ଶିକା ଶାନ୍ତିଲତା ରାମ, ଭରତ ରାଉତ, ନୀତୀଶ ବ୍ରହ୍ମା, ପ୍ରୋଗ୍ରାମ ମ୍ୟାନେଜର ସୁଦୀପ୍ତ ରାଉତଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଆକାଉଣ୍ଟାଣ୍ଟ ଶାନ୍ତନୁ ମହାପାତ୍ର, ଅମରେଶ ଖମାରି, ରମେଶ ଦାଶ, ଦୋଳେନ୍ଦ୍ର ନାୟକ, ମାନସ ପଣ୍ଡା, ଆଶୁତୋଷ ଖମାରି, ମନ୍ମଥ ସ୍ୱାଇଁ, ଲିମା ପାତ୍ର ସମସ୍ତ ସହଯୋଗ କରିଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଦୀପ କୁମାର ପତି ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ଭିକ୍ଷା ଦଳକୁ ହରାଇ ସନପରସଲା ଚାମ୍ପିୟନ

**ଧୋଡ୍ରା, ୨୭।୯(ଡି.ଏନ୍.ଏ.)**


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ଅଲେଖ ମହିମା ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ରାତାଖଣ୍ଡିଗୁଡ଼ା ପଞ୍ଚାୟତ ସଣ୍ଡସା ଗ୍ରାମ ଖେଳ ପଡ଼ିଆରେ ଚାଲିଥିବା ୩ ଦିନିଆ ଅଲେଖ ମହିମା ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୨୪ଟି ଦଳ ସାମିଲ ହୋଇଥିଲେ। ସନପରସଲା ଏବଂ ଭିକ୍ଷା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ସନପରସଲା ଟିମ୍ ଚାମ୍ପିୟନ ହୋଇଛି। ପର୍ଶୁ ଭତ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କୁଇ ସମାଜ ଉପଦେଷ୍ଟା କାଜମ ମଦାନୀ ମୁଖ୍ୟ ଅତିଥି, ମନୋଜ ଶର୍ମା, ସମିତି ସଭ୍ୟ ଗଣପତି ସାହୁ, ଜାକିର ହୁସେନ, ପବିତ୍ର ଗରଡ଼ା, ତୁଳାରାମ ଭତରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ୭୭୭୭ ଟଙ୍କା ଏବଂ ଟ୍ରଫି, ରନର୍ସ ଅପ୍ ଦଳକୁ ୪୪୪୪ ଟଙ୍କା ଏବଂ ଟ୍ରଫି ପ୍ରଦାନ କରିଛନ୍ତି।

## ସମୁଦ୍ର କୂଳରୁ ମୃତଦେହ ଜବତ

**ଗଞ୍ଜାମ,୨୭।୯(ଡି.ଏନ.ଏ.)**

ଗଞ୍ଜାମ ଥାନା ଅଧିନ ବଡ଼ ନୋଳିଆ ନୂଆଗାଁ ନିକଟସ୍ଥ ସମୁଦ୍ର କୂଳରୁ ସୋମବାର ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସକାଳେ ସମୁଦ୍ର କୂଳରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଲାଗିଥିବା ନେଇ ଅଞ୍ଚଳବାସୀ ଦେଖିବା ପରେ ଗଞ୍ଜାମ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏହି ଘଟଣାର ତଦନ୍ତ ଚଳାଇଛି।

# ସିଡିପିଓ ଅଫିସରେ ତାଲା ପକାଇଲେ ଅଙ୍ଗନୱାଡି କର୍ମୀ

**ଝରିଗାଁ, ୨୭।୯(ସ୍ୱ.ପ୍ର.)**

### କେନ୍ଦ୍ର ପିଲାଙ୍କୁ ଏସ୍‌ଏଚ୍‌ଜି ଦ୍ୱାରା ପୋଷାକ ବଣ୍ଟନକୁ ବିରୋଧ

ଅଙ୍ଗନୱାଡି କେନ୍ଦ୍ର ପିଲାମାନଙ୍କୁ ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ପୋଷାକ ବଣ୍ଟନକୁ ଅଙ୍ଗନୱାଡିକର୍ମୀମାନେ ବିରୋଧ କରିବା ସହ ସିଡିପିଓ ଅଫିସରେ ତାଲା ଠୁକିଛନ୍ତି। ସିଡିପିଓ ଅଙ୍ଗନୱାଡି କର୍ମୀମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ତାଲା ଖୋଲିଥିଲେ।



ଅଙ୍ଗନୱାଡି କେନ୍ଦ୍ରର ପିଲାମାନଙ୍କୁ ପୋଷାକ ବଣ୍ଟନ ଦାୟିତ୍ୱ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ଦିଆଯାଇଛି। ଏସ୍‌ଏଚ୍‌ଜି ଗ୍ରୁପ୍ ଦ୍ୱାରା ପୋଷାକ ବଣ୍ଟନରେ ଅନିୟମିତତା ଦେଖାଦେଇଛି।ଝରିଗାଁ ବ୍ୟତୀତ ଅନ୍ୟ ବ୍ଲକରେ ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କ ପୋଷାକ କିଣିବା ନେଇ କର୍ମୀମାନଙ୍କ ଆକାଉଣ୍ଟରେ ଟଙ୍କା ଡିପୋଜିଟ କରାଯାଉଛି। ଏ ନେଇ ଅଙ୍ଗନୱାଡି କର୍ମୀମାନେ ବାରମ୍ବାର କହିବା ପରେ ସୋମବାର ଲିଖିତ ଅଭିଯୋଗ ଦେଇଥିଲେ। ସେଥିରେ ସିଡିପିଓ ରାଜି ହୋଇ ନ ଥିବାରୁ ବାଧ୍ୟ ହୋଇ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି ବୋଲି ଝରିଗାଁ ଅଙ୍ଗନୱାଡି କର୍ମୀ ସଂଘ ବ୍ଲକ ସଭାପତି ପ୍ରମିଳା ବିଶୋଇ କହିଛନ୍ତି। ତାଲା ପକାଇବାର ପ୍ରାୟ ୩୦ ମିନିଟ୍ ପରେ ସିଡିପିଓ ସୁଷମା ପ୍ରସାଦ ଅଙ୍ଗନୱାଡି କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ଅଙ୍ଗନୱାଡି କର୍ମୀମାନଙ୍କ ଆକାଉଣ୍ଟକୁ ପିଲାଙ୍କ ଡ୍ରେସ୍ ବାବଦକୁ ଟଙ୍କା ପଠାଯିବ ବୋଲି ସିଡିପିଓ ପ୍ରତିଶ୍ରୁତି ଦେଇଥିଲେ।

# ଦୋକାନ ବଜାର, ବସ୍ ଚଳାଚଳ ବନ୍ଦ



ରାୟଗଡ଼ା କପିଳାସ ଛକଠାରେ ବିଭିନ୍ନ ବାମଦଳ ପକ୍ଷରୁ ଆନ୍ଦୋଳନ କରାଯାଉଛି।



ଗୁଣପୁର ଏସ୍‌ପିଗୁଡାଠାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ରାୟଗଡ଼ା ଅଫିସ/ଗୁଣପୁର, ୨୭।୯(ଡି.ଏନ୍.ଏ.)**

### ରାୟଗଡ଼ା ଜିଲାରେ ବନ୍ଦ ପ୍ରଭାବ

କେନ୍ଦ୍ର କୃଷି ଆଇନ ପ୍ରତ୍ୟାହାର ଦାବି ଏବଂ ଦରଦାମ ବୃଦ୍ଧି ପ୍ରତିବାଦରେ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ରାୟଗଡ଼ା ଜିଲାରେ ମଧ୍ୟ ପଡ଼ିଛି। ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ, ବଜାର ବନ୍ଦ ରହିଥିଲା। ସରକାରୀ ଓ ବେସରକାରୀ ବସ୍ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ରାୟଗଡ଼ା ସହରସ୍ଥିତ କପିଳାସ ରୋଡ୍ ଛକଠାରେ ବାମଦଳ ପକ୍ଷରୁ ଭାରତ ବନ୍ଦ ପାଳନ କରାଯାଇଛି। ଅଖିଳ ଭାରତ କୃଷକ ମହାସଭା, ସିପିଆଇ (ଏମ୍‌ଏଲ୍) ଲିବରେଶନ,ଆଇଏନ୍‌ଟିୟୁସି ସମେତ ବିଭିନ୍ନ ବାମପନ୍ଥୀ ଦଳ ପକ୍ଷରୁ ରାସ୍ତା ଅବରୋଧ ଓ ଆନ୍ଦୋଳନ କରାଯାଇଥିଲା। ଫଳରେ ୩୨୬ ନମ୍ବର ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେହିପରି ଗୁଣପୁରଠାରେ ସିପିଆଇ(ଏମ୍‌ଏଲ୍)ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏବଂ କୃଷକ ଦୋକାନ ବଜାର ବନ୍ଦ କରିଥିଲେ। ବସ୍ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ଏସ୍‌ପିଗୁଡ଼ା ଛକ ନିକଟରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ସେହିପରି ମୁନିଗୁଡ଼ାଠାରେ ମଧ୍ୟ ବନ୍ଦ ପାଳନ ସଫଳ ହୋଇଥିଲା।

